Odisha Sub-ordinate Staff Selection Commission
(OSSSC), Govt. of Odisha

# OSSSC CRE 2025

## Combined Recruitment Examination · Preliminary · Question Paper

**28 May 2026 · 12:30 PM - 2:00 PM** **Odia Version**

RI · ICDS Supervisor · VAW · JA · ARI · Amin · SFS | Official Answer Key

## About this Paper


This is the **OSSSC Combined Recruitment Examination (CRE) 2025** Preliminary written test (Advt. IIE-120/2025-3219) for the posts of Revenue Inspector, ICDS Supervisor, Village Agricultural Worker, Junior Assistant, Assistant Revenue Inspector, Amin & Statistical Field Surveyor — **28 May 2026, 12:30 PM - 2:00 PM** shift, **Odia version**, with the correct option marked as per the official answer key.

**Exam pattern:** 100 questions · 100 marks · 90 minutes. Sections: Mathematics 20, General Studies 20, English 20, Odia 15, Computer 15, Logical Reasoning 10. Marking: **+1** correct, **–0.25** wrong.

✓ Correct option (highlighted green)

### More from QMaths


Check your marks & All-India rank at **rank.qmaths.in**. Master English vocabulary with the **Blackbook** app.




***Toppers' Choice, Blackbook of English Vocabulary, Now available in App format : DOWNLOAD NOW***

## Quant

**Q1** Quant

ସ୍ଥିର ଜଳରେ ଏକ ଡଙ୍ଗା 30 km/hr ବେଗରେ ଯାତ୍ରା କରିପାରିବ । ଯଦି ଡଙ୍ଗାଟି ବିନ୍ଦୁ A ଓ B ମଧ୍ୟରେ ଯାତ୍ରା କରିବା ସମୟରେ ଏବଂ ତା'ପରେ ଫେରିବା ସମୟରେ ସର୍ବାଧିକ ବେଗରେ ଗତି କରେ, ତେବେ A ରୁ Bକୁ ଓ B ରୁ Aକୁ ଯାତ୍ରା କରିବା ସମୟ ମଧ୍ୟରେ ପାର୍ଥକ୍ୟ 2 ଘଣ୍ଟା ଅଟେ । ବିନ୍ଦୁ A ଓ B ମଧ୍ୟରେ ବ୍ୟବଧାନ 30 km ଅଟେ । ଯଦି ସ୍ରୋତର ବେଗ 'v km/hr' ହୁଏ, ତେବେ $v^2$ +30v ର ମୂଲ୍ୟ ନିରୂପଣ କର ।

- **A.** 300
- **B.** 600
- **C.** 900 ✓
- **D.** 500

**Q2** Quant

₹7,000 ଚିହ୍ନିତ ହୋଇଥିବା ଏବଂ 5% ଓ 2% ର କ୍ରମିକ ରିହାତିରେ ବିକ୍ରି ହେଉଥିବା ଟେବୁଲର ଚୂଡାନ୍ତ ବିକ୍ରୟ ମୂଲ୍ୟ ନିର୍ଣ୍ଣୟ କର ।

- **A.** ₹6,215
- **B.** ₹6,325
- **C.** ₹6,517 ✓
- **D.** ₹6,425

**Q3** Quant

$(a + b)^2$ = 3136 ଏବଂ a = 50 ଅଟେ । ଯଦି b > 0 ହୁଏ, ତେବେ ab ର ମୂଲ୍ୟ ନିର୍ଣ୍ଣୟ କର ।

- **A.** 600
- **B.** 540
- **C.** 450
- **D.** 300 ✓

**Q4** Quant

ପାଇପ୍ A ଏକ ଜଳଭଣ୍ଡାରକୁ 15 ଘଣ୍ଟାରେ ପୂର୍ଣ୍ଣ କରିପାରିବ ଏବଂ ପାଇପ B ଏହାକୁ 20 ଘଣ୍ଟାରେ ପୂର୍ଣ୍ଣ କରିପାରିବ । ଯଦି ଉଭୟ ପାଇପକୁ ଏକାଠି ଖୋଲାଯାଏ, ତେବେ ଜଳଭଣ୍ଡାରର ଏକ ତୃତୀୟାଂଶ ପୂର୍ଣ୍ଣ ହେବା ପାଇଁ କେତେ ସମୟ ଲାଗିବ (ନିକଟତମ ମିନିଟ ପର୍ଯ୍ୟନ୍ତ)?

- **A.** 165 ମିନିଟ
- **B.** 171 ମିନିଟ ✓
- **C.** 157 ମିନିଟ
- **D.** 177 ମିନିଟ

**Q5** Quant

1.16 km ଦୈର୍ଘ୍ୟ ବିଶିଷ୍ଟ ଏକ ଟ୍ରେନ୍ 34 km/h ବେଗରେ ଗତି କରୁଛି । 1.24 km ଦୈର୍ଘ୍ୟ ବିଶିଷ୍ଟ ଅନ୍ୟ ଏକ ଟ୍ରେନ 22 km/h ବେଗରେ ସମାନ ଦିଗରେ ଗତି କରୁଛି ଏବଂ ଏହାର ପଛଭାଗଟି ପ୍ରଥମ ଟ୍ରେନ ର ଅଗ୍ରଭାଗ ଠାରୁ 124 km ଆଗରେ ଅଛି । ପ୍ରଥମ ଟ୍ରେନ କେତେ ସମୟରେ ଦ୍ୱିତୀୟ ଟ୍ରେନ କୁ ସମ୍ପୂର୍ଣ୍ଣ ଭାବରେ ଅତିକ୍ରମ କରିବ?

- **A.** 10 ଘଣ୍ଟା 12 ମିନିଟ
- **B.** 10 ଘଣ୍ଟା 20 ମିନିଟ
- **C.** 10 ଘଣ୍ଟା 30 ମିନିଟ
- **D.** 10 ଘଣ୍ଟା 32 ମିନିଟ ✓

**Q6** Quant

ନିମ୍ନଲିଖିତ ତଥ୍ୟ ଗୋଟିଏ କାରଖାନାର 15 ଜଣ ଶ୍ରମିକଙ୍କ ଓଜନ (kg ରେ) ପ୍ରଦାନ କରେ ।

| | | | | | |
|---|---|---|---|---|---|
| ଓଜନ (kg ରେ) | 65 | 60 | 75 | 80 | 84 |
| ଶ୍ରମିକଙ୍କ ସଂଖ୍ୟା | 3 | 1 | 3 | 3 | 5 |

ପ୍ରତ୍ୟକ୍ଷ ପଦ୍ଧତି ବ୍ୟବହାର କରି ଶ୍ରମିକଙ୍କ ଓଜନର ସମାନ୍ତର ମଧ୍ୟକ (kg ରେ) ନିର୍ଣ୍ଣୟ କର ।

- **A.** 71
- **B.** 75
- **C.** 76 ✓
- **D.** 78

**Q7** Quant

₹9,49,984 ନିବେଶ କରି A ଏକ ବ୍ୟବସାୟ ଆରମ୍ଭ କରନ୍ତି ଏବଂ 5 ମାସ ପରେ B ଅଂଶୀଦାର ଭାବରେ A ସହିତ ଯୋଗ ଦିଅନ୍ତି । ଏକ ବର୍ଷ ପରେ ଲାଭକୁ 4 : 5 ଅନୁପାତରେ ଭାଗ କରାଯାଏ । ପୁଞ୍ଜିରେ B ଙ୍କ ଅବଦାନ କେତେ?

- **A.** ₹20,35,680 ✓
- **B.** ₹16,28,544
- **C.** ₹22,53,784
- **D.** ₹18,68,350

**Q8** Quant

30 ର 30% ଅପେକ୍ଷା 65 ର 30% କେତେ ଅଧିକ?

- **A.** 10.5 ✓
- **B.** 5.5
- **C.** 7.5
- **D.** 12.5

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

**Q9** Quant

₹9,728 କୁ X, Y ଓ Z ମଧ୍ୟରେ ଏପରି ଭାବରେ ଭାଗ କରାଯାଇଛି ଯେ ଯଦି ସେମାନଙ୍କର ସମ୍ପୃକ୍ତ ଭାଗରୁ ₹60, ₹91 ଓ ₹36 ବିୟୋଗ କରାଯାଏ, ତେବେ ଅବଶିଷ୍ଟ ରାଶି 15:13:19 ଅନୁପାତରେ ରହିବ । ବିୟୋଗ ପରେ X ର ଭାଗ ନିର୍ଣ୍ଣୟ କର ।

- **A.** ₹3045 ✓
- **B.** ₹2895
- **C.** ₹3095
- **D.** ₹2945

**Q10** Quant

ଯଦି ବାର୍ଷିକ 4% ଚକ୍ରବୃଦ୍ଧି ସୁଧ ହାରରେ ₹y ମୂଳଧନ ଉପରେ 2 ବର୍ଷର ଚକ୍ରବୃଦ୍ଧି ସୁଧ ₹663 ହୁଏ, ତେବେ 2 ବର୍ଷ ପରେ ସମୂଳସୁଧ କେତେ ହେବ?

- **A.** ₹8788 ✓
- **B.** ₹8750
- **C.** ₹9245
- **D.** ₹8396

**Q11** Quant

ସଚିନ ତେନ୍ଦୁଲକର 2008 ରୁ 2010 ମଧ୍ୟରେ ଅଷ୍ଟ୍ରେଲିଆ ବିପକ୍ଷରେ ନିମ୍ନଲିଖିତ ଶତକ ହାସଲ କରିଥିଲେ ।

154, 153, 109, 175 ଏବଂ 214

ଅଷ୍ଟ୍ରେଲିଆ ବିପକ୍ଷରେ ଏହି ଅବଧିରେ ତାଙ୍କର ହାରାହାରି ଶତକ ସ୍କୋର କେତେ ଥିଲା?

- **A.** 161 ✓
- **B.** 162
- **C.** 163
- **D.** 165

**Q12** Quant

ଦୁଇଟି ଜ୍ୟା AB ଓ CD ବୃତ୍ତ ମଧ୍ୟରେ P ବିନ୍ଦୁରେ ପରସ୍ପରକୁ ଛେଦ କରନ୍ତି । ଯଦି AB = 25 cm , PB = 9 cm, CP = 6 cm ହୁଏ, ତେବେ DP ର ପରିମାଣ ନିର୍ଣ୍ଣୟ କର ।

- **A.** 10 cm
- **B.** 16 cm
- **C.** 20 cm
- **D.** 24 cm ✓

**Q13** Quant

₹5,628 କୁ A, B ଓ C ମଧ୍ୟରେ ବଣ୍ଟାଯାଇଛି, ଯାହା ଦ୍ୱାରା B ଓ C ଏକତ୍ର ଭାବେ ପାଇଥିବା ପରିମାଣର ଅଧା A ପାଇପାରିବ ଏବଂ A ଓ C ମିଳିତ ଭାବରେ ପାଇଥିବା ପରିମାଣର ଏକ ଚତୁର୍ଥାଂଶ B ପାଇବ । A ର ଅଂଶ B ର ଅଂଶ ଅପେକ୍ଷା କେତେ ଅଧିକ ଅଟେ?

- **A.** ₹750.40 ✓
- **B.** ₹758.40
- **C.** ₹742.40
- **D.** ₹735.40

**Q14** Quant

ଜଣେ ଦୋକାନୀ 472 ଟି ଫୁଲ କୁଣ୍ଡ ମଧ୍ୟରୁ 75% କୁ ପ୍ରତ୍ୟେକକୁ ₹30 ଲାଭରେ ବିକ୍ରି କରନ୍ତି । ସେ ଅବଶିଷ୍ଟ କୁଣ୍ଡଗୁଡିକୁ ₹5192 ରେ ବିକ୍ରି କରନ୍ତି । ଯଦି ସେ ମୋଟ 25% ଲାଭ କରନ୍ତି, ତେବେ ପ୍ରତ୍ୟେକ କୁଣ୍ଡର କ୍ରୟ ମୂଲ୍ୟ (₹ରେ) କେତେ?

- **A.** 45
- **B.** 52
- **C.** 62
- **D.** 67 ✓

**Q15** Quant

ପାଇପ A ଗୋଟିଏ ଟାଙ୍କିକୁ 3 ଘଣ୍ଟାରେ ପୂର୍ଣ୍ଣ କରିପାରିବ, ପାଇପ B ସମାନ ଟାଙ୍କିକୁ 32 ଘଣ୍ଟାରେ ପୂର୍ଣ୍ଣ କରିପାରିବ ଏବଂ ପାଇପ୍ C ସମାନ ଟାଙ୍କିକୁ 96 ଘଣ୍ଟାରେ ପୂର୍ଣ୍ଣ କରିପାରିବ । ଯଦି ତିନୋଟି ପାଇପ ଏକାଠି କାର୍ଯ୍ୟ କରେ, ତେବେ ସମାନ ଟାଙ୍କିର ତିନି-ଚତୁର୍ଥାଂଶ ପୂର୍ଣ୍ଣ ହେବା ପାଇଁ କେତେ ସମୟ (ଘଣ୍ଟା ରେ) ଲାଗିବ?

- **A.** 2 ✓
- **B.** 3
- **C.** 4
- **D.** 5

**Q16** Quant

ଦ୍ୱିଘାତ ସମୀକରଣ $2x^2 + 16x - 18 = 0$ ର ମୂଳଦ୍ୱୟ କେତେ?

- **A.** 1 , -9 ✓
- **B.** -1 , -9
- **C.** 1 , 9
- **D.** -1 , 9

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q17** Quant

ଏକ ସିଲିଣ୍ଡରାକାର ସ୍ତମ୍ଭର ବ୍ୟାସ 56 cm ଏବଂ ଉଚ୍ଚତା 1 m ଅଟେ । ଏହାର ବକ୍ର ପୃଷ୍ଠତଳର କ୍ଷେତ୍ରଫଳକୁ ରଙ୍ଗ କରିବା ପାଇଁ $m^2$ ପିଛା ₹12.50 ଖର୍ଚ୍ଚ ହେବ । ଏହାର ବକ୍ର ପୃଷ୍ଠତଳର କ୍ଷେତ୍ରଫଳକୁ ରଙ୍ଗ କରିବାର ମୋଟ ଖର୍ଚ୍ଚ ନିର୍ଣ୍ଣୟ କର ।

[$\pi = \frac{22}{7}$ ବ୍ୟବହାର କର]

- **A.** ₹20
- **B.** ₹21
- **C.** ₹22 ✓
- **D.** ₹23

**Q18** Quant

ସରଳ କର:

$$\sqrt{196} + \sqrt{0.0144} - \sqrt{4.84}$$

- **A.** 11.92 ✓
- **B.** 6.58
- **C.** 8.48
- **D.** 9.22

**Q19** Quant

ପ୍ରଦତ୍ତ ଚିତ୍ରରେ, AB || CD ଅଟେ । ∠AXC ର ପରିମାଣ କେତେ?

- **A.** $53^o$
- **B.** $72^o$
- **C.** $127^o$ ✓
- **D.** $108^o$

**Q20** Quant

55 ର $\frac{1}{5}$ ଅପେକ୍ଷା 75 ର 65% କେତେ ଅଧିକ?

- **A.** 37.75 ✓
- **B.** 34.75
- **C.** 31.75
- **D.** 35.75

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q21** GA
ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପ ଓଡ଼ିଶାର କେଉଁ ଜିଲ୍ଲାରେ ଅବସ୍ଥିତ?

A. କୋରାପୁଟ ✓
B. ମାଲକାନଗିରି
C. ରାୟଗଡା
D. ନବରଙ୍ଗପୁର

**Q22** GA
1873 ମସିହା ସେପ୍ଟେମ୍ବର ମାସରେ କିଏ ନିଜର ଅନୁଗାମୀମାନଙ୍କ ସହିତ ମିଶି 'ସତ୍ୟଶୋଧକ ସମାଜ' ଗଠନ କରିଥିଲେ?

A. ଜ୍ୟୋତିରାଓ ଗୋବିନ୍ଦରାଓ ଫୁଲେ ✓
B. ଅହଲ୍ୟାବାଇ ହୋଲକର
C. ସୁଶିଲ କୁମାର ରୁଦ୍ର
D. ଆକ୍କାମ୍ମା ଚେରିଆନ

**Q23** GA
ଅଗଷ୍ଟ 2025 ରେ ଓଡ଼ିଶା କ୍ୟାବିନେଟ କେଉଁ ଅବଧି ପର୍ଯ୍ୟନ୍ତ ଜଳସେଚନ ଉପରେ କେନ୍ଦ୍ରିତ ଯୋଜନା, ମୁଖ୍ୟମନ୍ତ୍ରୀ ଆଡିବନ୍ଧ ତିଆରି ଯୋଜନା (MATY) 3.0 ର ସମ୍ପ୍ରସାରଣକୁ ଅନୁମୋଦନ କଲା?

A. 2026-27
B. 2027-28
C. 2028-29
D. 2029-30 ✓

**Q24** GA
ନିମ୍ନଲିଖିତ ପର୍ବତଶ୍ରେଣୀ ଗୁଡିକ ମଧ୍ୟରୁ କେଉଁଟି ଉତ୍ତର ଆଫଗାନିସ୍ତାନ-ପାକିସ୍ତାନ ସୀମାର ଏକ ପ୍ରମୁଖ ଅଂଶ ଗଠନ କରେ?

A. ହିମାଳୟ
B. କାରାକୋରମ ପର୍ବତଶ୍ରେଣୀ
C. ସୁଲେମାନ ପର୍ବତମାଳା
D. ହିନ୍ଦୁ କୁଶ ✓

**Q25** GA
2026 ଏଡିସନରେ ତଳକୁ ଆସିବା ପୂର୍ବରୁ, QS ଏସିଆ ରାଙ୍କିଙ୍ଗ 2025 ରେ IIT ବମ୍ବେର ରାଙ୍କ କେତେ ଥିଲା?

A. 60 ରୁ 71
B. 52 ରୁ 71
C. 48 ରୁ 71 ✓
D. 44 ରୁ 71

**Q26** GA
2025 ବିଶ୍ୱ ରୋଇଂ ଚାମ୍ପିଅନସିପ୍ ପାଇଁ ବ୍ୟବହୃତ ଦିଆନଶାନ (Dianshan) ହ୍ରଦ କେଉଁ ସହରରେ ଅବସ୍ଥିତ ଥିଲା?

A. ସାଙ୍ଘାଇ ✓
B. ଆମଷ୍ଟରଡାମ
C. ବୁଦାପେଷ୍ଟ
D. ଲିସବନ

**Q27** GA
ଶଶୀ ଥରୁରଙ୍କ 2026 ମସିହାର ପୁସ୍ତକ 'ଦି ସେଜ୍ ହୁ ରି-ଇମାଜିନ୍ଡ ହିନ୍ଦୁଇଜମ୍' (The Sage who Reimagined Hinduism) କେଉଁ ବିଶିଷ୍ଟ ଭାରତୀୟ ନେତାଙ୍କ ଜୀବନ ଏବଂ ବାର୍ତ୍ତା ଉପରେ ପର୍ଯ୍ୟବେସିତ ଅଟେ?

A. ସ୍ୱାମୀ ବିବେକାନନ୍ଦ
B. ଦୟାନନ୍ଦ ସରସ୍ୱତୀ
C. ଶ୍ରୀ ନାରାୟଣ ଗୁରୁ ✓
D. ଆଦି ଶଙ୍କରାଚାର୍ଯ୍ୟ

**Q28** GA
ମାର୍ଚ୍ଚ 2026 ରେ ଇରାନ-US-ଇସ୍ରାଏଲ ସଂଘର୍ଷ ଯୋଗୁଁ କେଉଁ ସାମୁଦ୍ରିକ କରିଡର ଅବରୁଦ୍ଧ ହୋଇଥିଲା, ଯାହା ଭାରତ ପାଇଁ ଶକ୍ତି ଯୋଗାଣ ସମ୍ବନ୍ଧୀୟ ଚିନ୍ତା ସୃଷ୍ଟି କରିଥିଲା?

A. ସୁଏଜ କେନାଲ
B. ପାନାମା କେନାଲ
C. ଜିବ୍ରାଲ୍ଟର ପ୍ରଣାଳୀ
D. ହୋର୍ମୁଜ ପ୍ରଣାଳୀ ✓

**Q29** GA
2026 ମସିହା ମାର୍ଚ୍ଚ ମାସରେ ଇଣ୍ଡିଆନ ପୋଟାଶ ଲିମିଟେଡ ଏବଂ ଓଡ଼ିଆ ସରକାରଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ବୁଝାମଣା ପତ୍ର ଅନୁଯାୟୀ ପୁନରୁଦ୍ଧାର କରାଯାଉଥିବା 'ବଡମ୍ବା ସମବାୟ ଚିନି କାରଖାନା' ନିମ୍ନଲିଖିତ କେଉଁ ଜିଲ୍ଲାରେ ଅବସ୍ଥିତ?

A. ବରଗଡ
B. କଟକ ✓
C. ନୟାଗଡ
D. ଢେଙ୍କାନାଳ

**Q30** GA
ଲୋହିତ ରକ୍ତ କଣିକାଗୁଡ଼ିକର ଆକାର କାହିଁକି ଉଭୟାବତଳ (biconcave) ହୋଇଥାଏ?

A. ଏହି ଆକୃତି ସେମାନଙ୍କୁ ଅଧିକ କଠିନ କରିଥାଏ ।
B. ଆକୃତିଟି ଗ୍ୟାସ ବିନିମୟ ପାଇଁ ପୃଷ୍ଠତଳ କ୍ଷେତ୍ରଫଳକୁ ବଢ଼ାଇଥାଏ । ✓
C. ଏହି ଆକୃତି ସେମାନଙ୍କୁ ପାତ୍ର ମଧ୍ୟରେ ଗତି କରିବାରେ ବାଧା ସୃଷ୍ଟି କରେ ।
D. ଏହି ଆକୃତି ସେମାନଙ୍କୁ ଅଧିକ ଜଳ ସଂରକ୍ଷଣ କରିବାରେ ସାହାଯ୍ୟ କରେ ।

Blackbook Vocabulary — Now in the App! ► Download Now on Google Play
generated by rank.qmaths.in

**Q31** GA

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ କେଉଁଟି ଭାରତର ଭୂ-ସୀମାକୁ ଲାଗି ରହିଥିବା ସମସ୍ତ ଦେଶକୁ ସଠିକ ଭାବରେ ଚିହ୍ନଟ କରେ?

- **A.** ପାକିସ୍ତାନ, ଚୀନ୍, ନେପାଳ, ବାଂଲାଦେଶ, ଭୁଟାନ, ମିଆଁମାର, ଆଫଗାନିସ୍ତାନ ✓
- **B.** ପାକିସ୍ତାନ, ଚୀନ୍, ଶ୍ରୀଲଙ୍କା, ବାଂଲାଦେଶ, ଭୁଟାନ, ମିଆଁମାର, ଆଫଗାନିସ୍ତାନ
- **C.** ପାକିସ୍ତାନ, ଚୀନ୍, ନେପାଳ, ମାଳଦ୍ୱୀପ, ଭୁଟାନ, ମିଆଁମାର, ଆଫଗାନିସ୍ତାନ
- **D.** ପାକିସ୍ତାନ, ଚୀନ୍, ନେପାଳ, ବାଂଲାଦେଶ, ଭୁଟାନ, ମିଆଁମାର, ମାଲେସିଆ

**Q32** GA

ଭାରତ ଏବଂ ଭୁଟାନ ଉଭୟ କେଉଁ ଆଞ୍ଚଳିକ ସଂଗଠନର ପ୍ରତିଷ୍ଠାତା ସଦସ୍ୟ ଥିଲେ?

- **A.** SAFTA
- **B.** ASEAN
- **C.** SAARC ✓
- **D.** BIMSTEC

**Q33** GA

ଆର୍ଦ୍ର ବାୟୁରେ ଲୁହା କଳଙ୍କି ଧରିବା ପ୍ରକ୍ରିୟାକୁ କେଉଁ ରାସାୟନିକ ପ୍ରତିକ୍ରିୟା ସର୍ବୋତ୍ତମ ଭାବରେ ବର୍ଣ୍ଣନା କରିଥାଏ?

- **A.** ଲୁହା କେବଳ ଜଳକଣା ସହିତ ପ୍ରତିକ୍ରିୟା କରି ଆଇରନ ହାଇଡ୍ରୋକ୍ସାଇଡ (Iron hydroxide) ସୃଷ୍ଟି କରେ।
- **B.** ଲୁହା ଅମ୍ଳଜାନ ଏବଂ ଜଳକଣା ସହିତ ପ୍ରତିକ୍ରିୟା କରି ଆଇରନ ଅକ୍ସାଇଡ ସୃଷ୍ଟି କରେ ✓
- **C.** ଲୁହା କାର୍ବନ ଡାଇଅକ୍ସାଇଡ ଏବଂ ଜଳକଣା ସହିତ ପ୍ରତିକ୍ରିୟା କରି ଆଇରନ କାର୍ବୋନେଟ ଗଠନ କରେ
- **D.** ଲୁହା ଯବକ୍ଷାରଜାନ ଏବଂ ଜଳକଣା ସହିତ ପ୍ରତିକ୍ରିୟା କରି ଆଇରନ ନାଇଟ୍ରାଇଡ ଗଠନ କରେ।

**Q34** GA

ପଣ୍ଡିତମାନେ ଋଗବେଦ ଏବଂ କେଉଁ ପ୍ରାଚୀନ ଇରାନୀୟ ଗ୍ରନ୍ଥ ମଧ୍ୟରେ ଭାଷାଗତ ସାଦୃଶ୍ୟ ଖୋଜି ପାଇଥିଲେ?

- **A.** ତୋରାହ
- **B.** ଅବେସ୍ତା ✓
- **C.** ତ୍ରିପିଟକ
- **D.** କୁରାନ

**Q35** GA

ନିମ୍ନଲିଖିତ କେଉଁ ନବୀକରଣଯୋଗ୍ୟ ଶକ୍ତି ଉତ୍ସ ବିଦ୍ୟୁତ ଉତ୍ପାଦନ ପାଇଁ ସିଧାସଳଖ ପୃଥିବୀର ଆଭ୍ୟନ୍ତରୀଣ ତାପମାତ୍ରା ଉପରେ ସିଧାସଳଖ ନିର୍ଭର କରେ?

- **A.** ସୌର ଶକ୍ତି
- **B.** ପବନ ଶକ୍ତି
- **C.** ଜଳଶକ୍ତି
- **D.** ଭୂ-ତାପଜ ଶକ୍ତି ✓

**Q36** GA

ଭାରତର ସାମାଜିକ-ଆର୍ଥିକ ବିକାଶ ପରିପ୍ରେକ୍ଷୀରେ, 'ବ୍ରେନ୍ ଡ୍ରେନ୍' (Brain Drain) ପଦଟି ନିର୍ଦ୍ଦିଷ୍ଟ ଭାବେ କାହାକୁ ବୁଝାଏ?

- **A.** ସ୍ୱାସ୍ଥ୍ୟସେବାର ଅଭାବ ଯୋଗୁଁ ବୟସ୍କମାନଙ୍କଠାରେ ପରିଲକ୍ଷିତ ହେଉଥିବା ଜ୍ଞାନଗତ ଅବକ୍ଷୟ
- **B.** ସହରାଞ୍ଚଳ ଯୁବପିଢ଼ିଙ୍କ ଉପରେ ପରିବେଶ ପ୍ରଦୂଷଣକାରୀଙ୍କ ବ୍ୟାପକ ସ୍ନାୟବିକ ପ୍ରଭାବ
- **C.** ଅନ୍ୟ ରାଷ୍ଟ୍ରମାନଙ୍କୁ ଉଚ୍ଚ-ଦକ୍ଷ ଏବଂ ଶିକ୍ଷିତ ବୃତ୍ତିଜୀବୀମାନଙ୍କର ବ୍ୟାପକ ସ୍ଥାନାନ୍ତରଣ ✓
- **D.** ଉନ୍ନତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ମାନବିକ ବୌଦ୍ଧିକ ଶ୍ରମର ଦ୍ରୁତ ବିସ୍ଥାପନ

**Q37** GA

ପଶ୍ଚିମରୁ ପୂର୍ବକୁ ଏକ ବିଦ୍ୟୁତସ୍ରୋତ ବହନ କରୁଥିବା ଭୂସମାନ୍ତର ତାରକୁ ଉପର ଆଡ଼କୁ ନିର୍ଦ୍ଦେଶିତ ଏକ ଭୂଲମ୍ବ ଚୁମ୍ବକୀୟ କ୍ଷେତ୍ରରେ ରଖାଯାଇଛି। ଫ୍ଲେମିଂଙ୍କ ବାମ-ହସ୍ତ ନିୟମ ଅନୁସାରେ ତାର ଉପରେ ବଳ କେଉଁ ଦିଗରେ କାର୍ଯ୍ୟ କରିବ?

- **A.** ଉତ୍ତର ଦିଗକୁ
- **B.** ଦକ୍ଷିଣ ଦିଗକୁ ✓
- **C.** ପଶ୍ଚିମ ଦିଗକୁ
- **D.** ପୂର୍ବ ଦିଗକୁ

**Q38** GA

ନିମ୍ନଲିଖିତ ସଂଗମ ସାହିତ୍ୟ ମଧ୍ୟରୁ କେଉଁଟି କବିତାର ଏକ ସଂଗ୍ରହ, ଯାହା ମୁଖ୍ୟତଃ ନୈତିକ ଶିକ୍ଷା ଓ ମୂଲ୍ୟବୋଧ ଉପରେ ଆଧାରିତ?

- **A.** ତୋଲକାପିୟମ
- **B.** ଶିଲ୍ପାପାଦିକରମ
- **C.** ତିରୁକ୍କୁରାଲ ✓
- **D.** ମଣିମେକଲାଇ

**Q39** GA

ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ରାଷ୍ଟ୍ର ନିର୍ଦ୍ଦେଶକ ନୀତି **ନୁହେଁ**?

- **A.** ଗ୍ରାମ ପଞ୍ଚାୟତ ଗଠନ
- **B.** କୁଟୀର ଶିଳ୍ପର ପ୍ରୋତ୍ସାହନ
- **C.** ଆନ୍ତର୍ଜାତୀୟ ବାଣିଜ୍ୟକୁ ପ୍ରୋତ୍ସାହନ ଦେବା ✓
- **D.** ସମାନ କାମ ପାଇଁ ସମାନ ଦରମା

**Q40** GA

1869 ମସିହାରେ କଟକର ଉତ୍କଳ ସମାଜ ଦ୍ୱାରା ନିମ୍ନଲିଖିତ କେଉଁ ପ୍ରକାଶନ ପ୍ରକାଶିତ ହୋଇଥିଲା?

- **A.** ଉତ୍କଳ ଦୀପିକା
- **B.** ବୋଧ ଦାୟିନି
- **C.** ସମାଜ
- **D.** ଉତ୍କଳ ହିତେସିନି ✓

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

## English

**Q41** English

Select the option that can be used as a one-word substitute for the given group of words.

Lasting only a very short time

- **A.** Eternal
- **B.** Armistice
- **C.** Miniscule
- **D.** Evanescent ✓

**Q42** English

Select the most appropriate idiom that can substitute the underlined segment in the given sentence.

He tried to remain neutral in the argument but ended up annoying both sides.

- **A.** broke the ice
- **B.** threw in the towel
- **C.** ran out of steam
- **D.** sat on the fence ✓

**Q43** English

Select the correct form of the present tense for the highlighted part of the given sentence.

How often **did you go** to the dentist?

- **A.** are you go
- **B.** do you go ✓
- **C.** does you go
- **D.** have you went

**Q44** English

Select the option that can be used as a one-word substitute for the given group of words.

A person who collects lost or abandoned objects and gives them new purpose

- **A.** Forager
- **B.** Repurposer
- **C.** Upcycler ✓
- **D.** Scavenger

Blackbook Vocabulary — Now in the App! ► Download Now on Google Play

**Q45** English

Replace the highlighted segment with an appropriate idiom.

After months of hard work, the team finally **succeeded in getting the project completed successfully**.

**A.** pulled someone's leg

**B.** bit the bullet

**C.** came through with flying colors ✓

**D.** let the cat out of the bag

**Q46** English

Identify the sentence with incorrect Direct speech.

**A.** She said, "I am going to the market."

**B.** Ravi asked, "Have you completed your homework?"

**C.** The teacher said, Respect your classmates. ✓

**D.** Anil exclaimed, "What a beautiful painting this is!"

**Q47** English

Select the most appropriate option in active voice for the given passive voice sentence.
The clothing designs were being made by the girls.

**A.** The girls were making the clothing designs. ✓

**B.** The girls make the clothing designs.

**C.** The girls have been making the clothing designs.

**D.** The girls had made the clothing designs.

**Q48** English

Parts of a sentence are given below in jumbled order. Arrange the parts in the correct order to form a meaningful sentence.

A: ethically, it can promote awareness and global
B: hatred or false information, it quickly becomes a
C: unity, but when people misuse it to spread
D: tool that damages relationships and societal trust
E: if social media is used responsibly and

**A.** EACBD ✓

**B.** ABEDC

**C.** BACED

**D.** CABDE

**Q49** English

Select the most appropriate option to fill in the blank.

The "AeroCool" smart fan automatically _____ its speed according to the room temperature, ensuring maximum comfort.

**A.** adjust

**B.** adjusting

**C.** adjusts ✓

**D.** adjustment

Blackbook Vocabulary — Now in the App! ► Download Now on Google Play
generated by rank.qmaths.in

**Q50** English

Select the most appropriate antonym of the highlighted word in the sentence:

The executive made an **audacious** proposal during the meeting.

- **A.** timid ✓
- **B.** bold
- **C.** tenacious
- **D.** arrogant

**Q51** English

Select the most appropriate antonym of the highlighted word in the following sentence.
The teacher carefully checked whether the certificate was **authentic** before accepting it as valid official proof.

- **A.** Real
- **B.** Genuine
- **C.** Original
- **D.** Fake ✓

**Q52** English

Select the sentence from the options that rectifies the INCORRECTLY spelt word in the given sentence.

He recieved a standing ovation for his performance.

- **A.** He recived a standing ovation for his performance.
- **B.** He receeved a standing ovation for his performance.
- **C.** He received a standing ovation for his performance. ✓
- **D.** He recieveed a standing ovation for his performance.

**Q53** English

Select the most appropriate option to fill in the blank.

He wrote ___ essay on economic reforms that impressed the professor.

- **A.** an ✓
- **B.** a
- **C.** the
- **D.** that

Blackbook Vocabulary — Now in the App! ► Download Now on Google Play

**Q54** English

Parts of a sentence are given below. While the first part (S1) is in the correct order, the rest of the parts are jumbled up. Arrange the parts in the correct order to form a meaningful and coherent sentence.

S1) The research findings
A) were significant
B) which many experts had accepted
C) after extensive experimentation
D) because they challenged the existing theories

**A.** A – D – B – C ✓

**B.** A – D – C – B

**C.** A – C – D – B

**D.** A – B – D – C

**Q55** English

Select the most appropriate option to fill in the blank.

The company has been operating ______ difficult economic conditions.

**A.** under ✓

**B.** through

**C.** with

**D.** by

**Q56** English

> Read the given passage and answer the questions that follow.
>
> In the modern era of digitalisation, the internet has become an indispensable tool in almost every field. From education and healthcare to business and communication, it plays a vital role in streamlining processes and providing instant access to information. Educational institutions leverage online platforms for remote learning, while businesses use the internet to reach global markets and enhance productivity through digital tools. In healthcare, telemedicine and online consultations have revolutionised patient care. Moreover, government services are now more transparent and accessible thanks to digital portals. Despite its many advantages, the increasing dependence on the internet also raises concerns about privacy, cybersecurity and the digital divide. Therefore, while embracing the benefits of digitalisation, it is equally important to ensure responsible usage and equitable access for all.

What is the primary focus of the passage?

**A.** The history of the internet

**B.** Disadvantages of using the internet

**C.** The internet's role in modern digitalised society ✓

**D.** Online gaming and entertainment

**Q57** English

According to the passage, how has the internet impacted healthcare?

**A.** By reducing the need for medical professionals

**B.** Through the introduction of remote patient monitoring and telemedicine ✓

**C.** By increasing the cost of treatment

**D.** By eliminating the need for physical hospitals

Blackbook Vocabulary — Now in the App! ► Download Now on Google Play

**Q58** English

Which sector is NOT explicitly mentioned in the passage as being affected by the internet?

- **A.** Education
- **B.** Agriculture ✓
- **C.** Government services
- **D.** Business

**Q59** English

What concern does the passage raise about increasing reliance on the internet?

- **A.** The disappearance of print media
- **B.** Overcrowding of online platforms
- **C.** Issues like privacy, cybersecurity and the digital divide ✓
- **D.** Decrease in face-to-face interactions

**Q60** English

What does the author suggest about the future use of the internet?

- **A.** We should limit its use in education.
- **B.** We must balance its benefits with responsible and equitable use. ✓
- **C.** It should be restricted to government use only.
- **D.** Everyone should have unlimited internet access without regulation.

## Odia

**Q61** Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
Engineers are designing a new railway bridge across the river.

- **A.** ଇଂଜିନିଅରମାନେ ନଦୀ ପାର ଏକ ନୂତନ ରେଳ ପୋଲ ପାଇଁ ଡିଜାଇନ ପ୍ରସ୍ତୁତ କରୁଛନ୍ତି। ✓
- **B.** ଇଞ୍ଜିନିଅରମାନେ ନଦୀ ଉପରେ ରେଲ ସେତୁ ତିଆରି କରିଛନ୍ତି।
- **C.** ଇଞ୍ଜିନିଅର ନଦୀ ରେ ରେଲ ସେତୁ ଡିଜାଇନ ହୋଇଛି।
- **D.** ଇଞ୍ଜିନିଅରମାନେ ନଦୀ ସେତୁ ଡିଜାଇନ ହେଉଛି।

**Q62** Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ମୋ ଭାଇ ପ୍ରତିଦିନ ଘର ଘର ବୁଲି ଲୁଗା ବିକ୍ରି କରିବାକୁ ଯାଏ।

- **A.** My brother goes door to door every day to sell cloth. ✓
- **B.** My brother is selling cloth door to door every day.
- **C.** My brother will go door to door for selling cloth.
- **D.** My brother goes door to door every day.

Blackbook Vocabulary — Now in the App! ▶ Download Now on Google Play

**Q63** Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଆମେ ବାଙ୍ଗାଲୋର ରେ ରହିବା ସମୟରେ ସବୁଦିନ ଫୁଟବଲ ଖେଳିବାକୁ ଯାଉଥିଲୁ ।

A. We go to play football every day when we are in Bangalore.

B. We used to go to play football every day when we lived in Bangalore. ✓

C. We were going to play football when we lived in Bangalore.

D. We had gone to play football when we were in Bangalore.

**Q64** Odia

> ନିମ୍ନୋକ୍ତ ଅନୁଚ୍ଛେଦକୁ ପଢି ପ୍ରଶ୍ନଗୁଡିକର ଉତ୍ତର ଚୟନ କର ।
> ବୁଦ୍ଧଦେବ ତାଙ୍କର ପଞ୍ଚଶିଷ୍ୟଙ୍କୁ କହିଥିଲେ ଯେ, ସନ୍ନ୍ୟାସୀଗଣ ଦୁଇଟି ଅତିଶୟ ପନ୍ଥାଠାରୁ ଦୂରରେ ରହିବା ଉଚିତ । ପ୍ରଥମଟି ହେଉଛି ଭୋଗବିଳାସରେ ମାତିରହି ଜୀବନଯାପନ କରିବା, ଯାହା ଏକାନ୍ତ ଦୁଃଖଦାୟକ । ଏପରି କରିଥାନ୍ତି କେବଳ ହୀନ ଓ ଅନାର୍ଯ୍ୟ ଶ୍ରେଣୀର ଲୋକମାନେ । ଏଣୁ ଏହା ସର୍ବଥା ବର୍ଜନୀୟ। ସେହିପରି ଦ୍ଵିତୀୟଟି ହେଉଛି ଶରୀରକୁ କ୍ଳେଶ ଦେଇ ସାଧନା କରିବା; ଏହା ଅତୀବ ଦୁଃଖଦାୟକ ଏବଂ ନିରର୍ଥକ । ଏଣୁ ଏ ମାର୍ଗଟି ମଧ୍ୟ ବର୍ଜନୀୟ। ଏହି ଦୁଇ ଅତିଶୟ ପନ୍ଥା ପରିହାର କରି ଜୀବନରେ ପରମ ଶାନ୍ତି, ଦିବ୍ୟଜ୍ଞାନ ତଥା ଦିବ୍ୟାନନ୍ଦ ଆନୟନ ନିମନ୍ତେ ପ୍ରକୃତ ପନ୍ଥା ହେଉଛି ନିର୍ବାଣ ମାର୍ଗ । ଏହା ଦୁଇ ଅତିଶୟ ପନ୍ଥାର ମଧ୍ୟମ ପନ୍ଥା ବା ମଧ୍ୟମ ମାର୍ଗ । ଏହି ମଧ୍ୟମ ମାର୍ଗର ସନ୍ଧାନ ଦେଇଥିଲେ ନିଜେ ଭଗବାନ ବୁଦ୍ଧ । ଏହି ମଧ୍ୟମ ମାର୍ଗର ଅନ୍ୟ ନାମ 'ଅଷ୍ଟାଙ୍ଗିକ ମାର୍ଗ' । ସେଗୁଡ଼ିକ ହେଉଛି ସମ୍ୟକ ଦୃଷ୍ଟି, ସମ୍ୟକ୍ ସଂକଳ୍ପ, ସମ୍ୟକ୍ ବଚନ, ସମ୍ୟକ୍ କର୍ମାନ୍ତ, ସମ୍ୟକ୍ ଅଜୀବ, ସମ୍ୟକ୍ ବ୍ୟାୟାମ, ସମ୍ୟକ୍ ସ୍ମୃତି ଓ ସମ୍ୟକ ସମାଧି । ଆର୍ଯ୍ୟ ଅଷ୍ଟାଙ୍ଗିକ ମାର୍ଗର ପ୍ରଥମ ସୋପାନ ସମ୍ୟକ ଦୃଷ୍ଟିର ଅର୍ଥ ଚାରି ଆର୍ଯ୍ୟସତ୍ୟର ଜ୍ଞାନପ୍ରାପ୍ତି । ଏହି ଦୃଷ୍ଟି ଦିବ୍ୟଦୃଷ୍ଟି ଅଟେ, ଯାହାବଳରେ ଭଗବାନ ବୁଦ୍ଧ ବୋଧଦ୍ରୁମ ତଳେ ଜ୍ଞାନତିତ୍ତ୍ୱ ପ୍ରାପ୍ତ ହୋଇଥିଲେ ଓ ନିର୍ବାଣପଥ ଦେଖିପାରିଥିଲେ। ଏହିପରି ଦୃଷ୍ଟି ଯଦି ମାନବଠାରେ ଜାତ ହୁଏ, ତେବେ ବିଶ୍ଵରୁ ଅହଂକାର ଓ ସ୍ୱାର୍ଥଜନିତ ବାଦବିବାଦର ଅବସାନ ଘଟିବ ଏବଂ ବିଶ୍ୱରେ ଶାନ୍ତି ମଧ୍ୟ ପ୍ରତିଷ୍ଠିତ ହେବ।

ଅନୁଚ୍ଛେଦର ଗଢଣ କିପରି ଚିହ୍ନଟ କର ?

A. ବର୍ଣ୍ଣନାତ୍ମକ

B. ବ୍ୟାଖ୍ୟାତ୍ମକ

C. ଭାବାତ୍ମକ

D. ଦର୍ଶନ ଭିତ୍ତିକ ✓

**Q65** Odia

ଅନୁଚ୍ଛେଦର ମୁଖ୍ୟ ବିଷୟବସ୍ତୁ ଚିହ୍ନଟ କର ।

A. ନିର୍ବାଣ ମାର୍ଗ ✓

B. ଐଶର୍ଯ୍ୟ ପ୍ରାପ୍ତି

C. ବ୍ରହ୍ମ ଦର୍ଶନ

D. ଦୁଃଖ ନିରୋଧ

**Q66** Odia

ଅନୁଚ୍ଛେଦର ସ୍ୱର ଚିହ୍ନଟ କର ।

A. ରାଜନୈତିକ

B. ଅସ୍ତିତ୍ୱବାଦୀ

C. ଆଧ୍ୟାତ୍ମିକ ✓

D. ବୈପ୍ଳବାତ୍ମକ

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q67** Odia

ମଧ୍ୟମ ମାର୍ଗର ଅନ୍ୟ ନାମ କ'ଣ ? ଉଲ୍ଲେଖ କର ।

A. ସମ୍ୟକ୍ ବ୍ୟାୟାମ

B. ସମ୍ୟକ୍ ସ୍ମୃତି

C. ସମ୍ୟକ୍ ସମାଧି

D. ଅଷ୍ଟାଙ୍ଗିକ ମାର୍ଗ ✓

**Q68** Odia

ମାଧ୍ୟମ ମାର୍ଗର କିଏ ସନ୍ଧାନ ଦେଇଥିଲେ ?

A. ବୁଦ୍ଧଦେବ ✓

B. ଅନାର୍ଯ୍ୟ

C. ପଞ୍ଚଶିଷ୍ୟ

D. ଦିବ୍ୟଦୃଷ୍ଟି ଥିବା ବ୍ୟକ୍ତି

**Q69** Odia

ଫସର ଫାଟିବା | ଏହି ରଢିର ଅର୍ଥ କ'ଣ ?

A. ବ୍ୟର୍ଥହେବା ✓

B. ସଫଳ ହେବା

C. ଫସଲ ଆରମ୍ଭ କରିବା

D. ଲାଭଦାୟକ ଫସଲ ନଷ୍ଟ ହେବା

**Q70** Odia

'ଭୁଆଁ ବୁଲାଇବା ' ଏହି ରଢିର ଅର୍ଥ କ'ଣ ?

A. ଅନ୍ୟକୁ ସାହାଯ୍ୟ କରିବା

B. ସତ୍ୟ କହିବା

C. ଭଣ୍ଡେଇବା/ ବିଭିନ୍ନ ବାହାନା ଦେଖାଇ ଠକିବା ✓

D. ମନ୍ତ୍ର ଜପିବା

**Q71** Odia

ନିମ୍ନୋକ୍ତ ମଧ୍ୟରୁ କେଉଁଟି ଏକ 'ନାମଧାତୁ' କ୍ରିୟାର ଉଦାହରଣ?

A. ପଢୁଛି

B. ଗୋଡ଼ାଉଛି ✓

C. ହସୁଛି

D. ଦେଖୁଛି

**Q72** Odia

ସତେ ଭାରତ ହକିରେ ପୂର୍ବ ଗୌରବ ଫେରିପାଇବ? ଏହି ବାକ୍ୟରେ ଥିବା ବିଶେଷଣ ପଦଟିକୁ ଚିହ୍ନଟ କର।

A. ହକିରେ

B. ସତେ ✓

C. ପୂର୍ବ ଗୌରବ

D. ଭାରତ

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q73** Odia

"ଉଦୀଚୀ" ର ବିପରୀତ ଶବ୍ଦ କେଉଁଟି ?

A. ଅବାଚୀ ✓

B. ପୂର୍ବାଚୀ

C. ଦକ୍ଷିଣାଚୀ

D. ଉତ୍ତରାଚୀ

**Q74** Odia

"ରାସ୍ତାରେ ସାବଧାନରେ ଚାଲିବା ଉଚିତ୍" ଏଠାରେ 'ସାବଧାନରେ' କି ପଦ?

A. ସାଧାରଣ ବିଶେଷଣ

B. କ୍ରିୟା ବିଶେଷଣ ✓

C. ଅବ୍ୟୟ

D. କ୍ରିୟା ପଦ

**Q75** Odia

"ମୁଣ୍ଡ ଝାଳ ତୁଣ୍ଡରେ ମାରିବା"- ଏହି ରୁଢ଼ିର ଠିକ୍ ଅର୍ଥ କ'ଣ ?

A. ଅନ୍ୟକୁ ଠକି ଉପାର୍ଜନ କରିବା

B. କଠିନ ପରିଶ୍ରମ କରି ପେଟ ପୋଷିବା ✓

C. ରାଗରେ କାହାକୁ ମାରିବା

D. ସୁଖ ସ୍ୱଚ୍ଛନ୍ଦରେ ରହିବା

## Computer

**Q76** Computer

Which of the following is an alternate way to launch an app?

A. Right-click desktop

B. Use Start + Tab

C. Use Run command ✓

D. Click wallpaper

**Q77** Computer

ଜଣେ ଛାତ୍ର MS ପାୱାରପଏଣ୍ଟ 2021 ରେ ଟେମ୍ପଲେଟ ବ୍ୟବହାର କରିବାର ଫ୍ଲେକ୍ସିବିଲିଟିକୁ ବିଶ୍ଳେଷଣ କରୁଛନ୍ତି । କେଉଁ ବିବୃତ୍ତି ସତ୍ୟ କିମ୍ବା ମିଥ୍ୟା ଅଟେ?

(i) ଟେମ୍ପଲେଟ ଗୁଡିକ ସ୍ଲାଇଡ ଷ୍ଟ୍ରକଚର ଏବଂ ଫର୍ମାଟିଙ୍ଗ ପ୍ରଦାନ କରନ୍ତି, କିନ୍ତୁ ୟୁଜରଙ୍କୁ ସମସ୍ତ ପ୍ଲେସହୋଲ୍ଡର ଟେକ୍ସଟ କୁ ସେମାନଙ୍କର ନିଜ କଣ୍ଟେଣ୍ଟ ସହିତ ରିପ୍ଲେସ କରିବାକୁ ପଡିବ ।
(ii) ଏକ ଟେମ୍ପଲେଟ ପରମାନେଣ୍ଟ ଭାବରେ ୟୁଜରମାନଙ୍କୁ ଡିଜାଇନ ଟ୍ୟାବ ମାଧ୍ୟମରେ ଏକ କଲର ପ୍ୟାଲେଟ କିମ୍ବା ପରେ ଫଣ୍ଟ ସ୍କିମ ଲାଗୁ କରିବାରେ ପ୍ରତିବନ୍ଧକ ଲଗାଇଥାଏ ।

A. (i) ସତ୍ୟ, (ii) ସତ୍ୟ

B. (i) ସତ୍ୟ, (ii) ମିଥ୍ୟା ✓

C. (i) ମିଥ୍ୟା, (ii) ସତ୍ୟ

D. (i) ମିଥ୍ୟା, (ii) ମିଥ୍ୟା

**Q78** Computer

MS Word 365 ରେ ଏକ ବହୁ-ପୃଷ୍ଠା ବିଶିଷ୍ଟ ଡକ୍ୟୁମେଣ୍ଟର ଏକାଧିକ କପି ପ୍ରିଣ୍ଟ କରିବା ସମୟରେ **Collate** ଅପସନକୁ ଏନେବୁଲ କଲେ କ'ଣ ହୋଇଥାଏ?

A. ପ୍ରଥମେ ସମସ୍ତ ପୃଷ୍ଠା 1 ପ୍ରିଣ୍ଟ କରିଥାଏ, ତା'ପରେ ସମସ୍ତ ପୃଷ୍ଠା 2 ପ୍ରିଣ୍ଟ କରିଥାଏ

B. ପ୍ରତ୍ୟେକ କପିକୁ ପୃଷ୍ଠାର କ୍ରମିକ ସଂଖ୍ୟା ଅନୁସାରେ ପ୍ରିଣ୍ଟ କରିଥାଏ ✓

C. ଡକ୍ୟୁମେଣ୍ଟକୁ PDF ରେ କନଭର୍ଟ କରିଥାଏ

D. ଡୁପ୍ଲେକ୍ସ ପ୍ରିଣ୍ଟିଙ୍ଗ ଆପ୍ଲାଏ କରିଥାଏ

**Q79** Computer

କେଉଁ OS ମଲ୍ଟି-ଟାସ୍କିଂ ପରିଚାଳନା କରିଥାଏ?

A. MS-DOS

B. ୱିଣ୍ଡୋଜ ✓

C. BIOS

D. COMPILER

Blackbook Vocabulary — Now in the App! ▸ Download Now on Google Play

**Q80** Computer

'LAN' ର ପୂର୍ଣ୍ଣରୂପ କ'ଣ?

A. ଲାର୍ଜ ଏରିଆ ନେଟୱାର୍କ (Large Area Network)

B. ଲୋକାଲ ଆକସେସ ନୋଡ (Local Access Node)

C. ଲୋକାଲ ଏରିଆ ନେଟୱାର୍କ (Local Area Network) ✓

D. ଲଜିକାଲ ଆକସେସ ନେଟୱାର୍କ (Logical Access Network)

**Q81** Computer

କଲମ B ର ବାମ ପାର୍ଶ୍ୱରେ ଏକ କଲମ ଇନସର୍ଟ କରିବାକୁ ଆପଣଙ୍କୁ _______ କରିବା ଉଚିତ I

A. ରାଇଟ-କ୍ଲିକ କଲମ B → ଇନସର୍ଟ ✓

B. ସିଲେକ୍ଟ କଲମ A → ଇନସର୍ଟ

C. ରାଇଟ-କ୍ଲିକ କଲମ C → ଇନସର୍ଟ

D. କଲୋମ B ଉପରେ ପ୍ରେସ Delete

**Q82** Computer

ନିମ୍ନଲିଖିତ ଟ୍ୟାବଗୁଡିକ ମଧ୍ୟରୁ କେଉଁଟି ସ୍ଲାଇଡ ଲେ-ଆଉଟ, ଥିମ୍ ଓ ଡିଜାଇନ ଅପସନକୁ ଆକ୍ସେସ ପ୍ରଦାନ କରେ?

A. File

B. Design ✓

C. Review

D. Slide Show

**Q83** Computer

ୱାଇଡ ଏରିଆ ନେଟୱାର୍କ (WAN) କ'ଣ?

A. ଗୋଟିଏ କୋଠରୀ ପର୍ଯ୍ୟନ୍ତ ସୀମିତ ଏକ ନେଟୱାର୍କ

B. ଏକ ବ୍ଲୁଟୁଥ କନେକ୍ସନ

C. ଏକ ସିଙ୍ଗଲୟୁଜର ଅପରେଟିଂ ସିଷ୍ଟମ

D. ଏକ ବୃହତ ଭୌଗୋଳିକ ଅଞ୍ଚଳକୁ ଆଚ୍ଛାଦନ କରୁଥିବା ଏକ ନେଟୱାର୍କ ✓

**Q84** Computer

MS ପାୱାର ପଏଣ୍ଟରେ ସାଇଜ ଇନସର୍ଟ କରିବା ପାଇଁ କେଉଁ ଟ୍ୟାବ ଅନୁମତି ଦିଏ?

A. ହୋମ

B. ଇନସର୍ଟ ✓

C. ଭିୟୁ

D. ଡିଜାଇନ

**Q85** Computer

MS ୱାର୍ଡ ର ପୁରୁଣା ଭର୍ସନ (ଯଥା ୱାର୍ଡ 2003) ରେ Menu Bar ର ଉଦ୍ଦେଶ୍ୟ କ'ଣ?

A. କେବଳ ଇମେଜ ଇନସର୍ଟ କରିବା

B. ନୋଟିଫିକେସନ ଡିସପ୍ଲେ କରିବା

C. ଫାଇଲ,ଏଡିଟ, ଭିଉ, ଟୁଲ ଇତ୍ୟାଦିକୁ ଆକ୍ସେସ କରିବା ✓

D. ଇଣ୍ଟରନେଟ ସହ କନେକ୍ସନ କରିବା

**Q86** Computer

ସୁରକ୍ଷା କାରଣରୁ Gmail ପ୍ରୋଭାଇଡ଼ରଙ୍କ ଦ୍ୱାରା ସାଧାରଣତଃ କେଉଁ ପ୍ରକାରର ଫାଇଲ ବ୍ଲକ କରାଯାଇଥାଏ?

A. .docx ଓ .xlsx

B. .jpg ଓ .png

C. .zip ଓ .rar

D. .exe ଓ .bat ✓

**Q87** Computer

UPPER CASE, LOWER CASE ଏବଂ Capitalize Word ମଧ୍ୟରେ ଟୋଗଲ୍ କରିବା ପାଇଁ କୀବୋର୍ଡ ସର୍ଟକଟ୍ _______ ଅଟେ I

A. Shift+F3 ✓

B. Shift+F1

C. Shift+L

D. କିଛି ନୁହେଁ

**Q88** Computer

MS ଏକ୍ସେଲ 2010 ରେ ମାକ୍ରୋ-ଏନେବୁଲଡ ସ୍ପ୍ରେଡସିଟ ଓପନ କରିବା ପାଇଁ କେଉଁ ଫାଇଲ ଏକ୍ସଟେନସନ ବ୍ୟବହୃତ ହୁଏ?

A. .xls

B. .xlsx

C. .xltx

D. .xlsm ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

**Q89** Computer

ମାଇକ୍ରୋସଫ୍ଟ ଏକ୍ସେଲ ରେ ଫଙ୍କସନ NOW() ରିଟର୍ନ କେଉଁଟିକୁ ଦର୍ଶାଉଛି?

A. ପ୍ରେଜେଣ୍ଟ ଟାଇମ

B. ପ୍ରେଜେଣ୍ଟ ଡେଟ

C. ପ୍ରେଜେଣ୍ଟ ଟାଇମ ଆଣ୍ଡ ଡେଟ ✓

D. କେବଳ ପ୍ରେଜେଣ୍ଟ ଇୟର

**Q90** Computer

ଅନ୍ୟ ପକ୍ଷରେ ____________ କିମ୍ବା ALM ଏକ ଆପ୍ଲିକେସନର ଡେଭଲପମେଣ୍ଟ, ଇମ୍ପ୍ଲିମେଣ୍ଟେସନ ଓ କ୍ଲୋଜର ପାଇଁ ବ୍ୟବହାର ହେଉଥିବା ଉପକରଣ ଏବଂ ପ୍ରକ୍ରିୟାଗୁଡ଼ିକର ଏକ ସଂଗ୍ରହ ଅଟେ ।

A. ଆପ ଲାଇଫସାଇକେଲ ମ୍ୟାନେଜମେଣ୍ଟ ସଫ୍ଟୱେର (App Lifecycle Management Software)

B. ଆପ୍ଲିକେସନ ଲାଇଫସାଇକେଲ ମ୍ୟାନେଜମେଣ୍ଟ ସଫ୍ଟୱେର (Application Lifecycle Management Software) ✓

C. ଆପ୍ଲିକେସନ ଲାଇଫସାଇକେଲ ମ୍ୟାନେଜମେଣ୍ଟ ସଫ୍ଟୱେର (Applications Lifecycle Monitoring Software)

D. ଆପ୍ଲିକେସନ ଲାଇଫସାଇକେଲ ମ୍ୟାନେଜମେଣ୍ଟ ସିଷ୍ଟମ (Applications Lifecycle Management System)

## Reasoning

**Q91** Reasoning

ସାତ ଜଣ ବ୍ୟକ୍ତି - H, I, J, K, L, M, ଏବଂ N - ଉତ୍ତର ଦିଗକୁ ମୁହଁ କରି ଏକ ସଳଖ ଧାଡିରେ ବସିଛନ୍ତି । M ଏବଂ L ଙ୍କ ମଧ୍ୟରେ କେବଳ ତିନି ଜଣ ବ୍ୟକ୍ତି ବସିଛନ୍ତି । I ଙ୍କ ବାମ ପାର୍ଶ୍ୱ ଦ୍ୱିତୀୟ ସ୍ଥାନରେ N ବସିଛନ୍ତି । M ଙ୍କ ବାମ ପାର୍ଶ୍ୱରେ କେବଳ K ବସିଛନ୍ତି । M ଙ୍କ ଠିକ ଡାହାଣ ପାର୍ଶ୍ୱରେ H ବସିଛନ୍ତି । ଧାଡିର ଡାହାଣ ପ୍ରାନ୍ତରୁ ଚତୁର୍ଥ ସ୍ଥାନରେ କିଏ ବସିଛନ୍ତି?

A. M

B. L

C. K

D. J ✓

**Q92** Reasoning

A ଙ୍କର କେବଳ ତିନୋଟି ସନ୍ତାନ ଅଛନ୍ତି ଏବଂ A ହେଉଛନ୍ତି B ର ବାପା । C ହେଉଛନ୍ତି B ର ଭଉଣୀ । Y ହେଉଛନ୍ତି X ର ଏକମାତ୍ର ପୁଅ । A ଓ X ପରସ୍ପର ବିବାହିତ । C ବିବାହିତ ନୁହଁନ୍ତି । Y ଙ୍କ ଭଉଣୀଙ୍କୁ D ବିବାହ କରିଛନ୍ତି । B କିପରି ଭାବେ D ସହିତ ସମ୍ପର୍କିତ?

A. ସ୍ୱାମୀ

B. ଭାଇ

C. ସ୍ତ୍ରୀ ✓

D. ଝିଅ

**Q93** Reasoning

ସାତଟି ବାକ୍ସ I, J, K, L, W, X ଓ Y କୁ ଗୋଟିଏ ଉପରେ ଅନ୍ୟଟି ରଖାଯାଇଛି କିନ୍ତୁ ସମାନ କ୍ରମରେ ରଖିବା ଜରୁରୀ ନୁହେଁ । W ଓ K ମଧ୍ୟରେ କେବଳ ଚାରୋଟି ବାକ୍ସ ରଖାଯାଇଛି । W ଉପରେ କେବଳ L କୁ ରଖାଯାଇଛି । I ଓ Y ମଧ୍ୟରେ କେବଳ ଦୁଇଟି ବାକ୍ସ ରଖାଯାଇଛି । X ର ଠିକ ଉପରେ J କୁ ରଖାଯାଇଛି । J ର ଠିକ ଉପରେ Y କୁ ରଖାଯାଇ ନାହିଁ । ଉପରୁ ଚତୁର୍ଥ ସ୍ଥାନରେ କେଉଁ ବାକ୍ସକୁ ରଖାଯାଇଛି?

A. I

B. J ✓

C. W

D. Y

**Q94** Reasoning

ନିମ୍ନରେ ପ୍ରଦତ୍ତ ଦୁଇଟି ଯୋଡ଼ି ସେଟ ଯେଉଁ ଢାଞ୍ଚା ଅନୁସରଣ କରନ୍ତି, ସେହି ସମାନ ଢାଞ୍ଚା ଅନୁସରଣ କରୁଥିବା ଯୋଡି ଚୟନ କରନ୍ତୁ । ଉଭୟ ଯୋଡି ସମାନ ଢାଞ୍ଚା ଅନୁସରଣ କରନ୍ତି ।

KUG : MPI
OKK : QFM

A. RFN : UAQ

B. KKH : PIM

C. SAO : UVQ ✓

D. AQP : FNU

Blackbook Vocabulary — Now in the App! ▶ Download Now on Google Play

**Q95** Reasoning

ପ୍ରଦତ୍ତ ଅନୁକ୍ରମକୁ ତର୍କସିଦ୍ଧ ଭାବେ ସଂପୂର୍ଣ୍ଣ କରିବା ପାଇଁ ନିମ୍ନ ଲିଖିତ ଅକ୍ଷର-ସଂଖ୍ୟା ପୁଞ୍ଜ ମଧ୍ୟରୁ କେଉଁଟିକୁ ପ୍ରଶ୍ନଚିହ୍ନ (?) ସ୍ଥାନରେ ସ୍ଥାପିତ କରାଯାଇପାରିବ?

KSN35 JRM46 IQL57 HPK68 ?

- **A.** GOJ79 ✓
- **B.** GOJ78
- **C.** GOI79
- **D.** GOI78

**Q96** Reasoning

ଯଦି '+' ଏବଂ '–' କୁ ପରସ୍ପର ମଧ୍ୟରେ ଅଦଳବଦଳ କରାଯାଏ ଏବଂ '×' ଏବଂ '÷' କୁ ପରସ୍ପର ମଧ୍ୟରେ ଅଦଳବଦଳ କରାଯାଏ, ତେବେ ନିମ୍ନଲିଖିତ ସମୀକରଣରେ ପ୍ରଶ୍ନ ଚିହ୍ନ (?) ସ୍ଥାନରେ କ'ଣ ହେବ?

$75 \times 5 - 15 \div 3 + 16 = ?$

- **A.** 44 ✓
- **B.** 64
- **C.** 32
- **D.** 56

**Q97** Reasoning

ଅଜୟ ପଏଣ୍ଟ A ରୁ ବାହାରି ଉତ୍ତର ଦିଗକୁ 2 km ଗାଡି ଚଲାନ୍ତି । ତା'ପରେ ସେ ଡାହାଣ ମୋଡ଼ ନେଇ 9 km ଗାଡି ଚଲାନ୍ତି, ପୁନର୍ବାର ଡାହାଣ ମୋଡ଼ ନେଇ 7 km ଗାଡି ଚଲାନ୍ତି । ତା'ପରେ ସେ ଡାହାଣ ମୋଡ଼ ନେଇ 12 km ଗାଡି ଚଲାନ୍ତି । ସେ ଶେଷ ଡାହାଣ ମୋଡ଼ ନେଇ 5 km ଗାଡି ଚଲାନ୍ତି ଏବଂ ପଏଣ୍ଟ P ରେ ଅଟକିଯାନ୍ତି । ପୁନର୍ବାର ପଏଣ୍ଟ A ରେ ପହଞ୍ଚିବା ପାଇଁ ସେ କେତେ ଦୂର (ସର୍ବନିମ୍ନ ଦୂରତା) ଏବଂ କେଉଁ ଦିଗକୁ ଗାଡ଼ି ଚଲାଇବା ଉଚିତ?

(ପ୍ରଦତ୍ତ ନଥିଲେ ସମସ୍ତ ମୋଡ଼ କେବଳ 90° ମୋଡ଼ ଅଟେ)

- **A.** 1 km ପୂର୍ବ
- **B.** 2 km ପୂର୍ବ
- **C.** 3 km ପୂର୍ବ ✓
- **D.** 5 km ପୂର୍ବ

**Q98** Reasoning

ପ୍ରଦତ୍ତ ବିବୃତି ଓ ନିଷ୍କର୍ଷଗୁଡିକୁ ଧ୍ୟାନର ସହିତ ଅଧ୍ୟୟନ କରନ୍ତୁ । ଏହା ସାଧାରଣତଃ ଜଣାଶୁଣା ତଥ୍ୟ ଠାରୁ ଭିନ୍ନ ମନେହେଲେ ସୁଦ୍ଧା ବିବୃତିରେ ପ୍ରଦତ୍ତ ତଥ୍ୟ କୁ ସତ୍ୟ ବୋଲି ବିବେଚନା କରନ୍ତୁ ଏବଂ ପ୍ରଦତ୍ତ ବିବୃତି (ଗୁଡିକୁ) କୁ ତର୍କସଙ୍ଗତ ଭାବରେ କେଉଁ ନିଷ୍କର୍ଷ (ଗୁଡିକ) ଅନୁସରଣ କରୁଛି ତାହା ନିର୍ଣ୍ଣୟ କରନ୍ତୁ ।
ବିବୃତି: କିଛି ଆମ୍ବ କଦଳୀ ଅଟେ । କୌଣସି କଦଳୀ କିୱି ନୁହେଁ ।
ନିଷ୍କର୍ଷ (I) : ସମସ୍ତ କଦଳୀ ଆମ୍ବ ଅଟେ ।
ନିଷ୍କର୍ଷ (II) : କୌଣସି ଆମ୍ବ କିୱି ନୁହେଁ ।

- **A.** ନିଷ୍କର୍ଷ (I) କିମ୍ବା (II) କୌଣସିଟି ଅନୁସରଣ କରେ ନାହିଁ ✓
- **B.** ଉଭୟ ନିଷ୍କର୍ଷ (I) ଏବଂ (II) ଅନୁସରଣ କରେ
- **C.** କେବଳ ନିଷ୍କର୍ଷ (I) ଅନୁସରଣ କରେ
- **D.** କେବଳ ନିଷ୍କର୍ଷ (II) ଅନୁସରଣ କରେ

**Q99** Reasoning

ଇଂରାଜୀ ବର୍ଣ୍ଣମାଳା କ୍ରମ ଆଧାରରେ ନିମ୍ନଲିଖିତ ଚାରୋଟି ମଧ୍ୟରୁ ତିନୋଟି ଏକ ନିର୍ଦ୍ଦିଷ୍ଟ ଉପାୟରେ ସଦୃଶ ଅଟନ୍ତି ତେଣୁ ଏହିପରି ଏକ ଗୋଷ୍ଠୀ ଗଠନ କରନ୍ତି । କେଉଁଟି ସେହି ଗୋଷ୍ଠୀର ଅନ୍ତର୍ଭୁକ୍ତ ନୁହେଁ ?
(ଦ୍ରଷ୍ଟବ୍ୟ: ଅସାମଞ୍ଜସ୍ୟଟି ବ୍ୟଞ୍ଜନବର୍ଣ୍ଣ/ସ୍ୱରବର୍ଣ୍ଣ ସଂଖ୍ୟା କିମ୍ବା ଅକ୍ଷର ପୁଞ୍ଜରେ ସେମାନଙ୍କର ସ୍ଥିତି ଉପରେ ଆଧାରିତ ନୁହେଁ)

- **A.** XCE ✓
- **B.** RVY
- **C.** YCF
- **D.** NRU

**Q100** Reasoning

ଶବ୍ଦ CAUTERY ର ପ୍ରତ୍ୟେକ ସ୍ୱରବର୍ଣ୍ଣକୁ ଇଂରାଜୀ ବର୍ଣ୍ଣମାଳା କ୍ରମରେ ଏହାର ଠିକ ପରବର୍ତ୍ତୀ ଅକ୍ଷରରେ ପରିବର୍ତ୍ତନ କରାଯାଏ ଏବଂ ପ୍ରତ୍ୟେକ ବ୍ୟଞ୍ଜନ ବର୍ଣ୍ଣକୁ ଇଂରାଜୀ ବର୍ଣ୍ଣମାଳା କ୍ରମରେ ଏହାର ଠିକ ପୂର୍ବବର୍ତ୍ତୀ ଅକ୍ଷରରେ ପରିବର୍ତ୍ତନ କରାଯାଏ । ଏହିପରି ଗଠିତ ଅକ୍ଷର ଗୋଷ୍ଠୀରେ କେତୋଟି ଅକ୍ଷର ଠିକ ଦୁଇଥର ରହିବ?

- **A.** 0
- **B.** 1 ✓
- **C.** 2
- **D.** 3

Blackbook Vocabulary — Now in the App! ► Download Now on Google Play
generated by rank.qmaths.in